ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ୬ ଜୁଲାଇ , ୨୦୧୯



## ଆଜି କ'ଣ କେଉଁଠି

**ବଆଁରପାଳ**
■ପ୍ରବଚନ କାର୍ଯ୍ୟକ୍ରମ
ସ୍ଥାନ-ନାଲ୍‌କୋ ମାଉସୀ ମା' ମନ୍ଦିର
ସମୟ-ସନ୍ଧ୍ୟା ୭ ଟା।

**ଅନୁଗୋଳ**
■ଉଚ୍ଚ ବିଦ୍ୟାଳୟ
ମୁଖ୍ୟ ଫାଟକ ଉଦ୍‌ଘାଟନ
ସମୟ- ପୂର୍ବାହ୍ନ ୧୧ଟା।
■ମନ୍ମଥ ମିଶ୍ରଙ୍କ ଦ୍ୱାରା ଭଜନ ସମାରୋହ
ସ୍ଥାନ- ମାଉସୀ ମା' ମନ୍ଦିର
ସମୟ- ସନ୍ଧ୍ୟା ୭ ଟା।

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍



ଛେଣ୍ଡିପଦା, ୫।୭(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ଦେବଗଡ ଛକ ନିକଟରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଶୁକ୍ରବାର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ତାଙ୍କଠାରୁ ଏକ ଲକ୍ଷ ୭ ଶହ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଏଲ୍‌ଆଣ୍ଡଟି ମାଇକ୍ରୋ ଫାଇନାନ୍ସ କର୍ମଚାରୀ ଶିଶିର କୁମାର ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୨୧୦/୧୯ରେ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ଶିଶିର ଘୁଣ୍ଟୁଲିପଶି ଗ୍ରାମରୁ ଟଙ୍କା କଲେକ୍ସନ କରି ସ୍କୁଟିରେ ମାଛକୁଟା ଗ୍ରାମ ଦେଇ ଅପରାହ୍ନ ୪ଟାରେ ଫେରୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଶିଶିର ନ ଅଟକିବାରୁ ସେମାନେ ତାଙ୍କୁ ଗୋଡରେ ଧକ୍କା ଦେଇଥିଲେ। ଶିଶିର ତଳେ ପଡିଯିବାପରେ ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ ମାରିବା ସହ ବନ୍ଧୁକ, ଭୁଜାଲି ଦେଖାଇ ସ୍କୁଟି ଡିକିରେ ଥିବା ଟଙ୍କା ନେଇ ପଳାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

### ମୂଲ୍ୟବୋଧକ ଶିକ୍ଷା ଉପରେ ଗୁରୁତ୍ୱ

ବଇଣ୍ଡା,୫।୭(ଡି.ଏନ.ଏ.)-ଅନୁଗୋଳ ଜିଲା କିଶୋରନଗର ମାଧମିକ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ କିଭଳି ନିଜକୁ ଭଲ ମଣିଷ ଭାବେ ଗଢି ତୋଳିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ବିକେ ବିନୋଦିନୀ, ଅମିତା, ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ବେହେରା, ଶିକ୍ଷକ ଦିବାକର ମାଝି ପ୍ରମୁଖ ଯୋଗ ଦେଇଥିଲେ।

■କୁଲାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ୮ ଶ୍ରେଣୀକୁ ୩ ଗୃହ

■ଗୋଟିଏ କୋଠରିରେ ୩ୟ ପର୍ଯ୍ୟନ୍ତ ପାଠପଢ଼ା

■ପ୍ରଧାନ ଶିକ୍ଷକ ପଦବୀ ଖାଲି

**ବଆଁରପାଳ, ୫।୭(ଡି.ଏନ୍.ଏ)**

ଅନୁଗୋଳ ଜିଲା ବଆଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଥିବା କୁଲାଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୀର୍ଘ ଦିନ ହେଲା ସମସ୍ୟା ଘେରରେ ରହିଛି। ଶ୍ରେଣୀଗୃହ ଠାରୁ ଆରମ୍ଭ କରି ଶିକ୍ଷକ ଅଭାବ ଯୋଗୁ ଏଠାରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ଶିକ୍ଷାନୁଷ୍ଠାନ ବହୁ ପଛକୁ ଚାଲିଯାଇଥିବା ନେଇ ଅଭିଭାବକ ତଥା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଗ୍ରାମବାସୀଙ୍କ କହିବା ମୁତାବକ, ୧୮୯୮ରେ ସେମାନଙ୍କ ଉଦ୍ୟମରେ ଏହି ବିଦ୍ୟାଳୟ ଗଢି ଉଠିଥିଲା। ପରେ ଏହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ପାଇଥିଲା। ୧୨୧ ବର୍ଷର ପୁରୁଣା ଏହି ଶିକ୍ଷାନୁଷ୍ଠାନ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିଲେ ହେଁ ଏଠାରେ ଶିକ୍ଷାଦାନର ମାନ ବୃଦ୍ଧି ପାଇଁ ଉଦ୍ୟମ ହେଉନାହିଁ। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୧୯ ଛାତ୍ରୀଛାତ୍ର ଏଠାରେ ପାଠ ପଢୁଥିଲେ ହେଁ ସେମାନଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ୮ଟି ଶ୍ରେଣୀ ପାଇଁ ମୋଟ ୩ଟି କୋଠରି ଥିବାରୁ ପାଠପଢାରେ ଅସୁବିଧା ହେଉଛି।



କୁଲାଡ଼ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ଏପରିକି ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଗୋଟିଏ କୋଠରିରେ ବସୁଛନ୍ତି। ସେହିପରି ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପିଲାମାନଙ୍କୁ ଗୋଟିଏ ଏବଂ ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଶ୍ରେଣୀଗୃହରେ ଶିକ୍ଷାଦାନ କରାଯାଉଛି। ବିଦ୍ୟାଳୟର ଅନ୍ୟ କୋଠରିଗୁଡ଼ିକ ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ସେଗୁଡିକର ମରାମତି କରାଯାଉନାହିଁ। ଅନ୍ୟପକ୍ଷରେ ୮ଟି ଶ୍ରେଣୀ ପାଇଁ ମାତ୍ର ୬ ଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ମଧ୍ୟ ଦୀର୍ଘ ଦିନ ହେଲା ଖାଲି ପଡିଛି। ବିଦ୍ୟାଳୟର ନିଜସ୍ୱ ଖେଳ ପଡ଼ିଆ ନ ଥିବାରୁ ଛାତ୍ରୀଛାତ୍ର ଖେଳକୁଦ କରିପାରୁନାହାନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଅବହେଳିତ ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା କଳ୍ପନା ମଞ୍ଜରୀ ମହାପାତ୍ର କହିଛନ୍ତି, ଶ୍ରେଣୀଗୃହର ଘୋର ଅଭାବ ରହିଛି। ଘର ଅଭାବରୁ ୩ଟି କୋଠରିରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବାରେ ଅସୁବିଧା ହେଉଛି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଲଳିତ ମୋହନ ସାହୁ କୁହନ୍ତି, ଅଳ୍ପ ଦିନ ତଳେ ସ୍କୁଲ ପରିଦର୍ଶନରେ ଯାଇଥିଲି। ଶ୍ରେଣୀ ଘରଗୁଡିକ ଭାଙ୍ଗି ରୁଜି ଯାଇଛି। ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳ ହୋଇଥିବାରୁ ସ୍କୁଲର ନୂତନ ବିଲ୍ଡିଂ ନିର୍ମାଣ ପାଇଁ ନାଲ୍‌କୋ କର୍ତ୍ତୃପକ୍ଷକୁ ପ୍ରସ୍ତାବ ଦିଆଯାଇଛି।



ଭଙ୍ଗାଦଦରା ଅବସ୍ଥାରେ ଶ୍ରେଣୀ ଗୃହ।

■ପଲିଥିନ ଯାଞ୍ଚବେଳେ ପୌର ଅଧିକାରୀଙ୍କ ଦାଦାଗିରି

# ବ୍ୟବସାୟୀଙ୍କ ମାଛରେ ବ୍ଲିଚିଂ ପକାଇଦେଲେ

**ତାଳଚେର, ୫।୭(ନି.ପ୍ର.)**

ତାଳଚେର ପୌର ପରିଷଦ ପକ୍ଷରୁ ଶୁକ୍ରବାର ମାଛ ମାର୍କେଟରେ ପଲିଥିନ ଚଢ଼ାଉବେଳେ ଦାଦାଗିରି କରାଯାଇଥିବା ବ୍ୟବସାୟୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଯାଞ୍ଚ ବେଳେ ଜଣେ ମାଛ ବେପାରୀଙ୍କଠାରୁ ପଲିଥିନ ବାହାରିବାରୁ ଜରିମାନା ଆଦାୟ ପରେ ମାଛଗୁଡିକ ଉପରେ ପୌର କର୍ତ୍ତୃପକ୍ଷ ବ୍ଲିଚିଂ ପାଉଡର ପକାଇ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

ବ୍ୟବସାୟୀ ପୌରାଞ୍ଚଳର ଗୋପୀନାଥପୁର ଗ୍ରାମର ପ୍ରତାପ ବେହେରାଙ୍କ ଅଭିଯୋଗ ମୁତାବକ, ପ୍ରତିଦିନ ପରି ଶୁକ୍ରବାର ମଧ୍ୟ ସେ ମାର୍କେଟରେ ମାଛ ବିକୁଥିଲେ। ହଠାତ ପୌର ପରିଷଦ ପକ୍ଷରୁ ମାଛ ମାର୍କେଟରେ ଯାଞ୍ଚ କରାଯାଇଥିଲା। ତାଙ୍କ ନିକଟରୁ ୪/୫ଟି ପଲିଥିନ ବାହାରିବାରୁ ପୌର କର୍ତ୍ତୃପକ୍ଷ ୫ ଶହ ଟଙ୍କା ଜରିମାନା ନେଇଥିଲେ। ହେଲେ ଏହା ପରେ ତାଙ୍କର ପ୍ରାୟ ୮ ହଜାର ଟଙ୍କା ମୂଲ୍ୟର ମାଛରେ ବ୍ଲିଚିଂ ପାଉଡର ପକାଇ ପଳାଇଯାଇଥିଲେ। ଫଳରେ ତାଙ୍କର ୮ ହଜାର ଟଙ୍କା କ୍ଷତି ହୋଇଥିବା ପ୍ରତାପ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଅତସି ପରିଡାଙ୍କୁ ପଚାରିବାରେ କହିଛନ୍ତି, ପ୍ରତାପଙ୍କୁ ୧ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଥିଲା। ହେଲେ ସେ ୫ଶହ ଟଙ୍କା ଦେଇଥିଲେ। ସ୍କୁଲ ନିକଟରେ କାହିଁକି ଦୋକାନ କରିଛନ୍ତି ବୋଲି ପଚାରିବାରେ ପ୍ରତାପ ଯୁକ୍ତିତର୍କ କରିଥିଲେ। ଏହା ପରେ ମାଛରେ ବ୍ଲିଚିଂ ପକାଯାଇଥିଲା।

# ବାଗଡିଆରେ ଭଜନ ସମାରୋହ

**ଛେଣ୍ଡିପଦା, ୫।୭(ସ୍ୱ.ପ୍ର.)**

ପବିତ୍ର ରଥଯାତ୍ରା ଅବସରରେ ଛେଣ୍ଡିପଦା ବ୍ଲକ ବାଗଡିଆ ଠାରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିବଶକ୍ତି କଳା ପରିଷଦ ପକ୍ଷରୁ ଆୟୋଜିତ ଏହି ସମାରୋହରେ ସାଗର, ଉମେଶ, ସୁମନ୍ତ, ନାରାୟଣ, ସସ୍ମିତ,ସରୋଜ, ମୋହନ, ସୋହମ, ରାଜେଶ, ସୁନୀଲ, ସୁନା, ଚିନ୍ତୁ, ରାଜୁ, ରୁପା କଣ୍ଠଦାନ କରିଥିଲେ। କଳା ପରିଷଦର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଭାଲୁକି ଛକକୁ ବିଦ୍ୟୁତ୍ ସଂଯୋଗ



ବିଧାୟକ ମୁକେଶ ପାଳ ବିଦ୍ୟୁତ୍ ସଂଯୋଗୀକରଣର ଶୁଭାରମ୍ଭ କରୁଛନ୍ତି।

**ପବିତ୍ରନଗର, ୫।୭(ଡି.ଏନ.ଏ.)**

କଣିହାଁ ବ୍ଲକ ଭାଲୁକି ଛକଠାରେ ଗୁରୁବାର ରଥଯାତ୍ରା ଅବସରରେ ବିଦ୍ୟୁତ୍ ସଂଯୋଗ ଶୁଭାରମ୍ଭ ହୋଇଛି। ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ଏହି ବିଦ୍ୟୁତ୍ ସଂଯୋଗ କାର୍ଯ୍ୟକୁ ପାଲଲହଡ଼ା ବିଧାୟକ ମୁକେଶ ପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ତାଳଚେର-ପାଲଲହଡ଼ା ମୁଖ୍ୟରାସ୍ତାରୁ ଏହି ଛକ ଦେଇ ଅର୍କିଳ, ଶୁଶୁବା, ଗଣ୍ଡମାଳା, ରେଙ୍ଗାଳି ଆଦି ସ୍ଥାନକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ସଂଯୋଗୀକରଣ ହୋଇଥିଲା। ଫଳରେ ଏହି ଛକରେ ବ୍ୟବସାୟୀମାନେ ଦୋକାନ କରି ଏଠାରେ ଏକ ବଜାର କରିଥିଲେ। ତେଣୁ ବଜାରରେ ବିଦ୍ୟୁତ୍ ସଂଯୋଗ ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପ୍ରହ୍ଲାଦ ପ୍ରଧାନ, ପରାବିଲ ସମବାୟ ସମିତି ସଭାପତି ସୁବାସ ମହାନ୍ତି, ବିରଞ୍ଚି ସାହୁ, ଧ୍ରୁବଚରଣ ବିଶ୍ୱାଳ, ଅବନୀକାନ୍ତ ଦେହୁରୀ, ଯୁଗଳ କିଶୋର ସାହୁ, ରଞ୍ଜନ ଘଟୁଆରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍‌ହା ଆକ୍ରମଣରେ ୨ ଗୁରୁତର

**ଛେଣ୍ଡିପଦା, ୫।୭(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସାଲୁଇଖମଣ ଗ୍ରାମରେ ଶୁକ୍ରବାର ବାର୍‌ହା ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତ୍ରିଲୋଚନ ମାଝି ଓ ଝୁନାରାଣୀ ସାହୁ। ସକାଳ ପ୍ରାୟ ୬ଟା ବେଳେ ବାର୍‌ହାଟି ଗ୍ରାମ ଭିତରକୁ ପଶିଆସିଥିଲା। ଗ୍ରାମବାସୀ ପାଟି କରିବାରୁ ଏହା ଏଣେତେଣେ ଦୌଡିଥିଲା। ସେହି ସମୟରେ ତ୍ରିଲୋଚନ ବଳଦ ବାନ୍ଧୁଥିବାବେଳେ ବାର୍‌ହାଟି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ହାତରେ ଗଭୀର କ୍ଷତ ଲାଗିଛି। ଏହା ପରେ ତ୍ରିଲୋଚନ ଭୟରେ ସେଠାରେ ଥିବା ପୋଖରୀକୁ ଡେଇଁ ପଡିଥିଲେ। ସେଠାରେ ଗ୍ରାମବାସୀ ପାଟି କରିବାରୁ ବାର୍‌ହା ପୁଣି ଗ୍ରାମ ଭିତରେ ପଶି ଯାଇଥିଲା। ଘର ଆଗରେ ଝୁନା ବାସନ ସଫା କରୁଥିବାବେଳେ ତାଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ଗ୍ରାମବାସୀ ଉଭୟଙ୍କୁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ଝୁନାରାଣୀଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ପିଏମ୍‌ଜେଡିୱାଇରେ ଓଭରଡ୍ରାଫ୍ଟ ଶୁଭାରମ୍ଭ



ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଉପଭୋକ୍ତାମାନେ।

**ଅନୁଗୋଳ ଅଫିସ, ୫।୭**

ଅନୁଗୋଳ ଶଙ୍କର ସିନେମା ରୋଡ ସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଅନୁଗୋଳ ଶାଖା ପ୍ରବନ୍ଧକ ଅମିତ କୁମାର ଦ୍ୱାରା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡିୱାଇ) ଖାତାରେ ୨ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଓଭର ଡ୍ରାଫ୍ଟ ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଏଲ୍‌ଡିଏମ୍ ମହେଶ୍ୱର ଗୌଡ, ବ୍ୟାଙ୍କର ଉପକ୍ଷେତ୍ର ପ୍ରମୁଖ ପ୍ରକାଶ ଚନ୍ଦ୍ର ପତି, ଅନୁଗୋଳ ଶାଖା ପ୍ରବନ୍ଧକ ଅମିତ ରଞ୍ଜନଙ୍କ ସମେତ ୩ ଶହରୁ ଉର୍ଦ୍ଧ୍ୱ ଗ୍ରାହକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶାଖା ପ୍ରବନ୍ଧକ ଓଭର ଡ୍ରାଫ୍ଟର ସୁବିଧା ବିଷୟରେ ଆଲୋଚନା କରିଥିଲେ। ଲାଭପ୍ରାପ୍ତି ଜନିତ ୧୦ ହଜାର ପର୍ଯ୍ୟନ୍ତ ଓଭର ଡ୍ରାଫ୍ଟ ଦ୍ୱାରା ଲାଭ ଓ ଡିବିପି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଉପକ୍ଷେତ୍ର ପ୍ରମୁଖ ଓଭର ଡ୍ରାଫ୍ଟ ମହତ୍ତ୍ୱ ବିଷୟରେ ଜଣାଇଥିଲେ। କାର୍ଯ୍ୟକ୍ରମରେ ଲାଭପ୍ରାପ୍ତିଙ୍କୁ ରୁପେ ଏଟିଏମ୍ କାର୍ଡ଼ ଓ ଓଭର ଡ୍ରାଫ୍ଟ (ପିଏମ୍‌ଜେଡିୱାଇ) ସକ୍ସେସନ୍ ପତ୍ର ପ୍ରଦାନ କରାଯାଇଛି। ଉପଶାଖା ପ୍ରବନ୍ଧକ ତୃପ୍ତିମୟୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ, ଭୂମିପୂଜା




ବିଧାୟକ ବ୍ରଜକିଶୋର ପ୍ରଧାନ କଲ୍ୟାଣ ମଣ୍ଡପର ଭୂମିପୂଜା, ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**କଣିହାଁ, ୫।୭(ଡି.ଏନ.ଏ.)**

ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗୁରୁବାର କଣିହାଁ ବ୍ଲକ ଗସ୍ତ କରି ୮୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ନୂଆ ପ୍ରକଳ୍ପର ଭୂମିପୂଜା କରିଛନ୍ତି। ବିଧାୟକ ବିଜିଗୋଳ ଗ୍ରାମର ଗୋଷ୍ଠୀକେନ୍ଦ୍ର, ମିଶନ ଶକ୍ତି ଗୃହ, ଗ୍ରାମେଶ୍ୱରୀ ପୀଠ ଆଦି ଉଦ୍‌ଘାଟନ କରିଥିଲେ। ସେହିପରି କମରେଇ ପଞ୍ଚାୟତ ତେଲିସିଂହା ଗ୍ରାମ ରାସ୍ତା ନିର୍ମାଣ, ଦଣ୍ଡସିଂହା ଗ୍ରାମଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ସରପଞ୍ଚ ଦୁଃଖବନ୍ଧୁ ଭୂତିଆ, ବାବୁଲା ସେଠୀ, ଦୁଃଶାସନ ସାହୁ, ସୁନୀଲ ପ୍ରଧାନ, ଟିକନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗଣ୍ଡବେରଣା ଗ୍ରାମ ଶିବ ମନ୍ଦିରଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରେ କମରେଇ ନାଏବ ସରପଞ୍ଚ ମେନକା ବେହେରା, ଜିତେନ୍ଦ୍ର ସାହୁ, ଦୀନବନ୍ଧୁ ବେହେରା ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।

# ଗୋଟିଏ ଲେଖାଏ ଗଛ ଲଗାଇବାକୁ ପରାମର୍ଶ

**ବଆଁରପାଳ/ବଇଣ୍ଡା, ୫।୭ (ଡି.ଏନ.ଏ.)**

ନାଲ୍‌କୋନଗର ସରସ୍ୱତୀ ଶିଶୁମନ୍ଦିରରେ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଲକୋ ନିର୍ବାହୀ ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅମୀୟ କୁମାର ସ୍ୱାଇଁ, ଏଜିଏମ ସୁନୀଲ ମହାପାତ୍ର, ମିହିର ରଞ୍ଜନ ରଥ ପ୍ରମୁଖ ଯୋଗ ଦେଇଥିଲେ।




ଠାକୁରଗଡ କଲେଜ ପରିସରରେ ବନ ମହୋତ୍ସବ ପାଳନ କରାଯାଉଛି।



ନାଲ୍‌କୋ ଶିଶୁ ମନ୍ଦିର ପରିସରରେ ଚାରାରୋପଣ କରାଯାଉଛି।

ଏହି ଅବସରରେ ଛାତ୍ରୀଛାତ୍ରମାନେ ଶହେରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ବିଦ୍ୟାଳୟ ଉପାଧକ୍ଷ ଡ. ସିଦ୍ଧନାଥ ସାହୁ, କ୍ରୀଡା ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ବିଜୟ ବିଶ୍ୱାଳ, ବିଜୟ ମହାରଣା, ବିଚିତ୍ରାନନ୍ଦ ନାୟକ ଓ ତରୁଣ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଯୁକ୍ତ ୩ କଲେଜ ପରିସରରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଡିଏଫଓ ସମ୍ୟକ ସାମନ୍ତରା ଯୋଗଦେଇ ଚାରାରୋପଣ କରିବାସହ ସଭିଏଁ ଘରେ ଅତିକମ୍‌ରେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଧଣ୍ଡାତୋପା ରେଞ୍ଜର ରାହାସ ସାହୁ, ଅଧକ୍ଷା ପ୍ରତିମା ବାଘ, ଅଧ୍ୟାପକ ସରୋଜ ଦାସ, ସରୋଜ ପ୍ରଧାନ, ତରୁଣ ପ୍ରଧାନ, କଲ୍ୟାଣୀ ମିଶ୍ର, ରତ୍ନାକର ସାହୁ, ଚିତ୍ତରଞ୍ଜନ ବେହେରା, ସପ୍ନେଶ୍ୱର ପ୍ରଧାନ, ମନୋରଞ୍ଜନ ବାରିକ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଏହି ଅବସରରେ ବୃକ୍ଷରୋପଣ କରିଥିଲେ।

No.1 EXCELLENCE AWARDED (MAXIM) IN INDIA
MBBS Study in Abroad
RUSSIA | KYRGYZSTAN | KAZAKHSTAN | UKRAINE
4210 DOCTORS SUCCESSFULLY RETURNED
Dr. Sudhakar Tiwari Available for Spot Admission and Counselling
AT BHUBANESHWAR- 8th July Hotel Arya Palace
AT BALASORE- 9th July Lucky International
AT SAMBALPUR- 10th July Hotel Sheela Tower
MAXIM EDU. PVT. LTD.
OFFICE : - Plot No. : 85, Lane No. 6, Bapuji Nagar, BHUBANESHWAR Mob. : 7381600301, 9300432509,
Since 1990
Toll Free - 1800-270-2007 | www.maximedu.com

ତୀର୍ଥ ଭ୍ରମଣ ସ୍ପେଶାଲ
REGD. NO. 465, ORGR,- BANAMALI PANDA, KHAIRABAD, JAJPUR, M- 9437310046, 9668114682

ASBM®
A Strong Foundation for a Winning Career
ADMISSION - 2019
B.COM (Hons.)
Accounting | Management
Students can apply on the SAMS web portal (http://dheodisha.gov.in/SAMS/degree.aspx) by giving 1st option for ASBM, Bhubaneswar Block, District Khurda.
13th Batch | BBA (Hons.)
Apply Online : www.asbm.ac.in
+91-674-2744884/ 885, 2374838 | TOLL FREE - 18003 4565585

## ସଂକ୍ଷେପରେ

### କଲଭର୍ଟରୁ ଖସିପଡ଼ି ଯୁବକ ମୃତ

**ଭୁବନ, ୫।୭(ଡି.ଏନ.ଏ.):** ଭୁବନ ଥାନା ନିମେଇପୁର ଗ୍ରାମର ନିର୍ମଳ ସାହୁ (୪୫) ଶୁକ୍ରବାର ବାଇକ୍‌ରେ ଯାଉଥିବାବେଳେ କଲଭର୍ଟ ତଳକୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ପୋଲିସ ମୃତଦେହ ଜବତ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୧୪୭/୧୯ରେ ମାମଲା ରୁଜୁ କରାଯାଇଛି। ନିର୍ମଳ ବାଇକ୍ (ଓଆର୍ ୦୨ ଏପି ୩୬୪୪)ରେ ଭୁବନରୁ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ କଲଭର୍ଟ ତଳକୁ ଖସିପଡ଼ିଥିଲେ। ଗାଡ଼ି ସହ ସେ ପାଣିରେ ବୁଡ଼ି ଯାଇଥିଲେ। ଉକ୍ତ ରାସ୍ତାଦେଇ ଯାଉଥିବା କେତେଜଣ ପଥଚାରୀଙ୍କଠାରୁ ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣିରୁ ନିର୍ମଳଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

### ଶିକ୍ଷକ ନିଲମ୍ବିତ

**କାମାକ୍ଷାନଗର, ୫।୭(ଡି.ଏନ.ଏ.):** କାର୍ଯ୍ୟରେ ଅବହେଳା ଅଭିଯୋଗରେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଗୋଡ଼ିସାହି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାସ ଶୁକ୍ରବାର ନିଲମ୍ବିତ ହୋଇଛନ୍ତି। ବିଇଓ ହରିହର ଦେହୁରୀ ସ୍କୁଲ ପରିଦର୍ଶନରେ ଯାଇଥିବାବେଳେ ସମ୍ପୃକ୍ତ ଶିକ୍ଷକ ବିନା ସୂଚନାରେ ଛୁଟିରେ ଥିଲେ। କାଗଜପତ୍ର ଯାଞ୍ଚ କରିବା ବେଳେ ତଥ୍ୟରେ ତ୍ରୁଟି ଦେଖିବାକୁ ମିଳିଥିଲା। ସେହିପରି ଉଜ୍ଜ୍ୱଳ, ଉତ୍‌ଥାନ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଅପ୍‌ଡେଟ୍ ନ ଥିଲା। ଏଣୁ ତାଙ୍କୁ ନିଲମ୍ବିତ କରାଯାଇଥିବା ବିଇଓ କହିଛନ୍ତି।

### ବାଇକ୍ ଧକ୍କାରେ ଜଣେ ଗୁରୁତର

**ଭୁବନ, ୫।୭(ଡି.ଏନ.ଏ.):** ଭୁବନର ଖବରଦାତା ପ୍ରେମାନନ୍ଦ ମହାନ୍ତି ମଙ୍ଗଳବାର ଦୁର୍ଘଟଣାର ଶିକାର ହୋଇଛନ୍ତି। ବଜାରକୁ ଯାଇ ଘରକୁ ଫେରୁଥିବାବେଳେ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ପ୍ରଶାନ୍ତ କୁମାର ସାହୁ ତାଙ୍କୁ ବାଇକ୍‌ରେ ଆସି ପଛପଟୁ ଧକ୍କା ଦେଇଥିଲେ। ଏଥିରେ ପ୍ରେମାନନ୍ଦଙ୍କ ବାମହାତ ଆଙ୍ଗୁଠି ଭାଙ୍ଗିଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଶୁକ୍ରବାର ସେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ନନ୍ଦିନୀ ଦେବୀ ଜୟନ୍ତୀ କମିଟି କର୍ମକର୍ତ୍ତା ନିର୍ବାଚନ

**ଢେଙ୍କାନାଳ ଅଫିସ, ୫।୭:** ସ୍ଥାନୀୟ 'ବିଭାବନା' କାର୍ଯ୍ୟାଳୟରେ ଗୁରୁବାର ନନ୍ଦିନୀ ଦେବୀ ଜୟନ୍ତୀ କମିଟି କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ବିନାୟକ ଶତପଥୀ, ସଂଯୁକ୍ତା ମିଶ୍ର, ସମ୍ପାଦକ ପରେଶ ଚନ୍ଦ୍ର ପଟ୍ଟନାୟକ, ସହସମ୍ପାଦକ ମାନସ କୁମାର ନନ୍ଦ ଏବଂ ଅର୍ଥ ସମ୍ପାଦକ ଭାବେ ନିର୍ମଳା ମହାପାତ୍ର ନିର୍ବାଚିତ ହୋଇଥିଲେ। ଉମେଶ ଚନ୍ଦ୍ର ଦାସ, ମାକ୍ଷିତମାମି ମହାପାତ୍ର, ନିରୁପମା ଦାସ, ସୁମିତା ପଟ୍ଟନାୟକ, ମନୋଜ ମଞ୍ଜରୀ ଦାସ, ନମିତା ମନୋହରୀ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ ହୋଇଛନ୍ତି। ଆଗାମୀ ଦିନରେ କମିଟି ପକ୍ଷରୁ ଆଲୋଚନାଚକ୍ର, ପୁସ୍ତକ ପ୍ରକାଶନ, ପ୍ରତିଭାବାନ ସାହିତ୍ୟିକଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି।

## ଢେଙ୍କାନାଳ ଜିଲାରେ ବିପର୍ଯ୍ୟସ୍ତ ଶିକ୍ଷା

# ୧୦୮ ହାଇସ୍କୁଲରେ ନାହାନ୍ତି ପ୍ରଧାନ ଶିକ୍ଷକ

**ଢେଙ୍କାନାଳ ଅଫିସ, ୫।୭**



- ଅତିଥି ଶିକ୍ଷକ ଭରସାରେ ଶିକ୍ଷା ବିଭାଗ
- ୨୦୧୬ରୁ ହୋଇନି ନୂଆ ନିଯୁକ୍ତି
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର

ଢେଙ୍କାନାଳ ଜିଲାରେ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହେବାରେ ଲାଗିଛି। ଭିତ୍ତିଭୂମି ଥିବା ସତ୍ତ୍ୱେ ଶିକ୍ଷକ ଅଭାବ ଏବେ ଶିକ୍ଷା ପ୍ରଗତିରେ ସାଜିଛି ଅନ୍ତରାୟ। ଜିଲାର ୧୩୩ ହାଇସ୍କୁଲ ମଧ୍ୟରୁ ୧୦୮ଟିରେ ପ୍ରଧାନ ଶିକ୍ଷକ ନାହାନ୍ତି। ସେହିପରି ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷକ ପଦବୀ ଖାଲିପଡ଼ିଛି। ଅତିଥି ଶିକ୍ଷକ ନିଯୁକ୍ତି କରି ଶିକ୍ଷା ବିଭାଗ ଚୁପ୍ ବସିଥିବାବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି।

ଏକଦା ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲା ଢେଙ୍କାନାଳ। ବିଶେଷ କରି ସରକାରୀ ସ୍କୁଲଗୁଡ଼ିକରେ ମାଟ୍ରିକ୍ ରେଜଲ୍ଟ ଭଲ ହେଉଥିଲା। ରାଜ୍ୟସ୍ତରୀୟ ମେଧା ତାଲିକାରେ ଜିଲାର ଛାତ୍ରୀଛାତ୍ରଙ୍କ ନାମ ତାଲିକାଭୁକ୍ତ ହେଉଥିଲା। ହେଲେ ଗତ କିଛିବର୍ଷ ହେଲା ଏହା ନିମ୍ନଗାମୀ ହେବାରେ ଲାଗିଛି। ଏହାର ପ୍ରମୁଖ କାରଣ ଶିକ୍ଷକ ଅଭାବ ବୋଲି କୁହାଯାଉଛି। ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଚାଲିଥିବା ୧୩୩ ସରକାରୀ ହାଇସ୍କୁଲ ମଧ୍ୟରୁ ମାତ୍ର ୨୫ଟିରେ ସ୍ଥାୟୀ ପ୍ରଧାନ ଶିକ୍ଷକ ଅଛନ୍ତି। ଅନ୍ୟ ୧୦୮ ସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅଧିକାଂଶ ସ୍ଥାନରେ ସହକାରୀ ଶିକ୍ଷକ ଦାୟିତ୍ୱ ସମ୍ଭାଳୁଛନ୍ତି। କେବଳ ପ୍ରଧାନ ଶିକ୍ଷକ ନୁହନ୍ତି, ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପାଠ ପଢ଼ାଇବାକୁ ଶିକ୍ଷକ ଖୋଜା ପଡୁଛନ୍ତି। ଗଣିତରେ ୧୬୩ ଶିକ୍ଷକ ପଦବୀ ମଧ୍ୟରୁ ୧୯, ବିଜ୍ଞାନରେ ୧୫୧ରୁ ୧୩, ସଂସ୍କୃତରେ ୧୪୨ରୁ ୪୨, ହିନ୍ଦୀରେ ୧୩୬ରୁ ୬୬, କଳାରେ ୩୧୧ରୁ ୧୧୧ ଶିକ୍ଷକ ପଦବୀ ଖାଲିପଡ଼ିଛି। ସେହିପରି ୧୩୮ କ୍ରୀଡ଼ା ଶିକ୍ଷକଙ୍କ ମଧ୍ୟରୁ ୪୩ ପଦବୀରେ କେହିନାହାନ୍ତି। ଏହାର ସ୍ଥାୟୀ ପ୍ରତିକାର କରିବାରେ ଶିକ୍ଷା ବିଭାଗ ବିଫଳ ହୋଇଛି। ସମସ୍ୟା ସମାଧାନ କରିବାକୁ ଯାଇ ଅତିଥି ଶିକ୍ଷକଙ୍କ ଉପରେ ଭରସା କରିଛି ଶିକ୍ଷା ବିଭାଗ। ବିଭାଗ ପକ୍ଷରୁ ୯୩ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମାସିକ ୧୨ ହଜାର ଟଙ୍କା ପାରିଶ୍ରମିକରେ ନିଯୁକ୍ତି ଦିଆଯାଇଛି। ଜିଲାରେ କାର୍ଯ୍ୟକ୍ଷମ ୧୧ଟି ଅପ୍‌ଗ୍ରେଡେଡ୍ ବିଦ୍ୟାଳୟ ମଧ୍ୟ ହାତଗଣତି ଶିକ୍ଷକଙ୍କ ଦ୍ୱାରା ଚାଲିଛି, ଯାହା ଅଭିଭାବକଙ୍କ ଚିନ୍ତା ବଢ଼ାଇଛି।

୨୦୧୬ ଏପ୍ରିଲ୍ ୫ରେ ଶେଷଥର ପାଇଁ ଶିକ୍ଷକ ନିଯୁକ୍ତି କରାଯାଇଥିଲା। ଏହାପରଠାରୁ ନୂତନ ନିଯୁକ୍ତି ହୋଇନାହିଁ। ଏହି କାରଣରୁ ଶିକ୍ଷାଦାନ ବ୍ୟବସ୍ଥା ସାଂଘାତିକ ସ୍ଥିତିକୁ ଆସିଯାଇଛି। ଘରୋଇ ସ୍କୁଲ, ବ୍ଲକଗ୍ରାଣ୍ଟ, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପରୀକ୍ଷାଫଳ ଭଲ ହେଉଥିବାବେଳେ ସରକାରୀ ହାଇସ୍କୁଲରେ ପାସ୍ ହାର ଚିନ୍ତାଜନକ ହୋଇଛି। ଜିଲା ପରିଷଦ ବୈଠକରେ ଶିକ୍ଷା ବ୍ୟବସ୍ଥା ଉପରେ ଫୋକସ୍ କରିବାକୁ ସ୍ୱର ଉଠାଇଥିଲେ ଜନପ୍ରତିନିଧି। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉପସ୍ଥାପନ କରିଥିଲେ। ହେଲେ ଶିକ୍ଷା ବିଭାଗ ପକ୍ଷରୁ ଏ ଦିଗରେ ସନ୍ତୋଷମୂଳକ ପଦକ୍ଷେପ ନିଆଯାଇନାହିଁ। ଏପଟେ ଗଣଶିକ୍ଷା ବିଭାଗର ନୂତନ ନିୟମ ଅନୁଯାୟୀ ଆବଶ୍ୟକତାଠାରୁ କମ୍ ଛାତ୍ରୀଛାତ୍ର ଥିବା ୨୭ ବିଦ୍ୟାଳୟକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଏ ନେଇ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା କୁହନ୍ତି, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ସମ୍ପର୍କରେ ସରକାରଙ୍କୁ ଲିଖିତ ଭାବେ ଜଣାଯାଇଛି। ଜିଲାର କେତେକ ସ୍କୁଲରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମାସିକ ୧୨ ହଜାର ଟଙ୍କା ପାରିଶ୍ରମିକରେ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସରକାରୀ ନିର୍ଦ୍ଦେଶନାମା ଆସିବା ପରେ ଶିକ୍ଷକ ପଦବୀ ପୂରଣ ହେବ ବୋଲି ସେ କହିଛନ୍ତି।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଦ୍ୱିତୀୟ ସନ୍ଧ୍ୟା

# ମୋ କଳା ଚାନ୍ଦରେ....



ଜଣେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୫।୭**

ଘୋଷଯାତ୍ରା ଉପଲକ୍ଷେ ସ୍ଥାନୀୟ ବାଜିଚୌକ୍‌ରେ ଆରମ୍ଭ ହୋଇଥିବା ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। 'ଭକ୍ତି ଆରାଧନା ଭଜନ ଅନୁଷ୍ଠାନ'ର କଣ୍ଠଶିଳ୍ପୀମାନେ ଜଗନ୍ନାଥ ଜଣାଣରେ ଶ୍ରୋତାଙ୍କୁ ଭିଜାଇଥିଲେ।

କଣ୍ଠଶିଳ୍ପୀ ପ୍ରଦୀପ କୁମାରଙ୍କ କଣ୍ଠରେ ମୋ କଳା ଚାନ୍ଦରେ..., କୁମାର ମିଲୁଙ୍କ କଣ୍ଠରେ ଝିପିଝିପି ବରଷାରେ..., କାବେରୀ ପ୍ରିୟଦର୍ଶିନୀଙ୍କ କଣ୍ଠରେ ଝୁଲିଝୁଲି ଆସେରେ... ଶ୍ରୋତାଙ୍କ ମନ କିଣିନେଇଥିଲା। ସେହିପରି ଶିବାନୀ ନନ୍ଦ, କୁମାର ସାନୁ, ସୁବାସ ଦାସ ମଧ୍ୟ ଭଜନ ପରିବେଷଣ କରିଥିଲେ। ପୂର୍ବତନ ନଗରପାଳ କୁନ୍ତଳା କୁମାରୀ ଦଳେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରୁଦ୍ରାନ୍ତ ଦଳେଇ, ଅଥୟ ସାହୁ, ସ୍ୱରୂପାନନ୍ଦ ଦାସ, ସାଗିର ମହମ୍ମଦ, ରଞ୍ଜନ କୁମାର ନାୟକ, ଗୋପାଳଚନ୍ଦ୍ର ପାତ୍ର, ଗଗନ ବିହାରୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନଜୀବୀଙ୍କୁ ଆକ୍ରମଣ, ୫ ଗିରଫ

**ଢେଙ୍କାନାଳ ଅଫିସ, ୫।୭**

- କାର, ମୋବାଇଲ ଜବତ
- ଶୋଭାଯାତ୍ରା କରିବ ଓକିଲ ସଂଘ

ଢେଙ୍କାନାଳ କୁଞ୍ଜକାନ୍ତ ନିକଟରେ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ବରିଷ୍ଠ ଆଇନଜୀବୀ ଅଖିଳ କୁମାର ରଥଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ଟାଉନ ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁଞ୍ଜକାନ୍ତ ଅଞ୍ଚଳର ସଂଗ୍ରାମ କେଶରୀ ଜେନା (୩୪), ସୁବାସ ବେହେରା (୨୯), ବଳଦିଆବନ୍ଧ ଅଞ୍ଚଳର ମୁକେଶ ବିହାରୀ (୩୫), ସନ୍ଦୀପ ଜୈନ (୨୫) ଏବଂ ଗୋବିନ୍ଦପୁର ଅଞ୍ଚଳର ନିରଞ୍ଜନ ଖଟୁଆ (୩୦)। ଆକ୍ରମଣରେ ବ୍ୟବହୃତ କାର ଏବଂ ଅଭିଯୁକ୍ତଙ୍କ ଠାରୁ ମୋବାଇଲ ଜବତ କରାଯାଇଛି। ଏ ନେଇ ନଂ. ୧୯୮/୧୯, ଦଫା ୧୪୩, ୨୯୪, ୩୨୩, ୩୦୭, ୫୦୬, ୧୪୯ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଅଭିନବ ଡାଲୁଆ ସୂଚନା ଦେଇଛନ୍ତି।

ଅନ୍ୟପଟେ ସହରରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ସୋମବାର ଓକିଲ ସଂଘ ପକ୍ଷରୁ ଶାନ୍ତି ଶୋଭାଯାତ୍ରା ଆୟୋଜନ କରାଯିବ। ସଂଘ କାର୍ଯ୍ୟାଳୟରୁ ରାଲି ବାହାରି ବାଜିଚୌକ୍ ଯାଏ ପରିକ୍ରମା କରିବ। ଆଇନଜୀବୀଙ୍କ ପ୍ରତିନିଧିମଣ୍ଡଳୀ ଜିଲାପାଳ, ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେବେ। ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଜରୁରୀ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥିବା ସାଧାରଣ ସମ୍ପାଦକ ଟଙ୍କଧର ବେହେରା ସୂଚନା ଦେଇଛନ୍ତି। ବୈଠକରେ ସରକାରୀ କାର୍ଯ୍ୟାଳୟ, ଜିଲା ଚିକିତ୍ସାଳୟ ଏବଂ ଆରଟିଓଙ୍କ କାର୍ଯ୍ୟାଳୟରେ ଚାଲିଥିବା ଅବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ସେହିପରି ଟ୍ରାଫିକ ବ୍ୟବସ୍ଥା ସଜାଡ଼ିବା, ଅଟୋରିକ୍ସା ଚାଳକଙ୍କ ପ୍ରାଦୁର୍ଭାବ ରୋକିବା, ଦ୍ରୁତ ଗାଡ଼ିଚାଳନା ଉପରେ ରୋକ୍ ଲଗାଇବାକୁ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

# ଜନ୍ମବେଦିରେ ମହାପ୍ରଭୁ

**ଢେଙ୍କାନାଳ ଅଫିସ, ୫।୭:**

ରତ୍ନବେଦିରେ ବିରାଜିଛନ୍ତି ମହାପ୍ରଭୁ। ଶୁକ୍ରବାର ଅପରାହ୍ନରେ ରଥରେ ଆବଶ୍ୟକ ନୀତି ଗଡ଼ିବା ପରେ ଅପରାହ୍ନ ୫ଟା ୫ରେ ବାଜିଚୌକ୍‌ସ୍ଥିତ ଆଡପ ମଣ୍ଡପକୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ନିଆଯାଇଥିଲା। ଘଣ୍ଟଶଙ୍ଖ, ହୁଳହୁଳି ଧ୍ୱନିରେ ପରିବେଶ ମୁଖରିତ ହୋଇଉଠିଥିଲା। ଯୁବରାଜ ଅମରଜ୍ୟୋତି ସିଂଦେଓ ଉପସ୍ଥିତ ଥିଲେ। ୫ଟା ୩୫ରେ ଶ୍ରୀଜୀଉ ଆଡପ ମଣ୍ଡପରେ ବିଜେ କରିଥିଲେ। ସେହିପରି ସାନ ରଥରେ ରଥାରୂଢ଼ ହୋଇଥିବା ଚତୁର୍ଦ୍ଧା ବିଗ୍ରହ ମଧ୍ୟ ଆଡପ ମଣ୍ଡପରେ ବିଜେ କରିଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କହିଛନ୍ତି।

# କୂଅରେ ଖସିପଡ଼ି ୨ ମୃତ

**ଢେଙ୍କାନାଳ ଅଫିସ, ୫।୭**

**ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇ ଯୁବକଙ୍କ ଜୀବନ ଗଲା**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବାବନ୍ଧ ପଞ୍ଚାୟତ ଗୁଆଗରିଆ ଗ୍ରାମରେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। କୂଅରେ ଖସିପଡ଼ିଥିବା ଜଣେ ମହିଳା ଏବଂ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଯୁବକ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ନଳିନୀ ନାଏକ (୨୭) ଏବଂ ଆକାଶ ନାଏକ (୩୨)। ଗ୍ରାମର ସୁଦାମ ନାଏକଙ୍କ ସ୍ତ୍ରୀ ନଳିନୀ ପାଣି କାଢୁଥିବାବେଳେ ଗୋଡ଼ ଖସିଯିବାରୁ କୂଅ ଭିତରେ ଗଳିପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ନିକଟରେ ଛିଡ଼ା ହୋଇଥିବା ଆକାଶ କୂଅ ଭିତରକୁ ପଶିଥିଲେ। ହେଲେ କୂଅ ଭିତରେ ଉଭୟେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ଆକାଶଙ୍କ ଘର ତାଳଚେର ଅଞ୍ଚଳରେ। ସେ ଗୁଆଗରିଆ ଗ୍ରାମରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଏ ନେଇ କେସ୍ ନଂ. ୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

# ବଣସିଂହରେ ଗଡ଼ିଲା ପ୍ରଥମ ରଥ



**ଢେଙ୍କାନାଳ ଅଫିସ, ୫।୭**

ଢେଙ୍କାନାଳ ସଦର ବ୍ଲକ ବଣସିଂହରେ ଚଳିତବର୍ଷ ପ୍ରଥମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ରଥରେ ମହାପ୍ରଭୁ ଜଗନ୍ନାଥ, ଭଉଣୀ ଦେବୀ ସୁଭଦ୍ରା ଏବଂ ବଡ଼ଭାଇ ବଳରାମ ମାଉସୀ ଘରକୁ ଏକାଠି ଯାତ୍ରା କରିଛନ୍ତି। ବଣସିଂହର ଆରାଧ୍ୟ ଦେବତା ପ୍ରଭୁ ଦଧିବାମନଜୀଉଙ୍କ ମନ୍ଦିରରୁ ଠାକୁରଙ୍କୁ ଗୋଟି ପହଣ୍ଡିରେ ରଥାରୂଢ଼ କରାଯାଇଥିଲା। ଦଧିବାମନଜୀଉଙ୍କ ସେବାୟତ ଅନ୍ତର୍ଯ୍ୟାମୀ ଶତପଥୀ ଛେରାପହଁରା କରିଥିଲେ। ଅପରାହ୍ନ ୧ଟାରେ ରଥ ଟଣାଯାଇ ସାଢେ ୪ଟାରେ ମାଉସୀ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲା। ଘୋଷଯାତ୍ରାର ପ୍ରମୁଖ ଆକର୍ଷଣ ସାଜିଥିଲେ ବଣସିଂହ, ଶଙ୍କରପୁର ଗ୍ରାମର ମହିଳା ସଂକୀର୍ତ୍ତନମଣ୍ଡଳୀ। ରାମ ମନ୍ଦିର ପରିସରରେ ଥିବା ଏକ ପ୍ରକୋଷ୍ଠରେ ମାଉସୀ ମା'ଙ୍କ ଅସ୍ଥାୟୀ ମନ୍ଦିର କରାଯାଇଛି। ସେଠାରେ ୯ଦିନ ଧରି ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ରମଣିରତ୍ନ ମହାରଣା, ଆଶୁତୋଷ ଶତପଥୀଙ୍କ ଉଦ୍ୟମରେ ରଥ ନିର୍ମାଣ କରାଯାଇଛି। ସରପଞ୍ଚ କପିଳ ଘଡ଼େଇ, ଅର୍ଜୁନ ଶତପଥୀ, ଅଖିଳ ହୋତା, ପରେଶ ପଣ୍ଡା, ବଣସିଂହ ଚାରଣ ଗୋଷ୍ଠୀ ଏବଂ ଗ୍ରାମ ଯୁବଗୋଷ୍ଠୀ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ବର୍ଷେ ଜେଲ

**ଢେଙ୍କାନାଳ ଅଫିସ, ୫।୭**

ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ନଗାରୀ ଗ୍ରାମର ମୁରଲୀଧର ସାହୁଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୋନାଲି ଅପରାଜିତା ଅଭିଯୁକ୍ତ ଶାନ୍ତନୁ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାକୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅନୁଜ୍ଞା ମହାନ୍ତି, ଲକ୍ଷ୍ମୀଧର ପଣ୍ଡା, ସୁଶାନ୍ତ ହୋତା, ପୁଷ୍ପକ ତ୍ରିପାଠୀ, ଅଦ୍ୱୈତ ବାରିକ ପରିଚାଳନା କରିଥିଲେ। ୨୦୧୩ ମାର୍ଚ୍ଚ ୧୦ରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମୁରଲୀଧରଙ୍କୁ ଶାନ୍ତନୁ ଆକ୍ରମଣ କରିଥିଲେ। ଏଥିସହ ଅଭିଯୁକ୍ତ ହାତଘଣ୍ଟା ସହ ୪୭୦୦ ଟଙ୍କା ଛଡ଼ାଇ ନେଇଥିବା ମୁରଲୀଧର ଅଭିଯୋଗ କରିଥିଲେ। ୮ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟକୁ ଅନୁଧ୍ୟାନ କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

## ଇନ୍ଦିପୁରରେ ହିମାଚଳ ପ୍ରଦେଶ ଅଧିକାରୀ

# ଛତୁ ଫାର୍ମ ବୁଲିଲେ, ଚାଷୀଙ୍କୁ ଉତ୍ସାହିତ କଲେ

**ଢେଙ୍କାନାଳ ଅଫିସ, ୫।୭**



ଅଧିକାରୀମାନେ ଇନ୍ଦିପୁର ଗ୍ରାମରେ ଛତୁ ଚାଷ ବୁଲି ଦେଖୁଛନ୍ତି।

ହିମାଚଳ ପ୍ରଦେଶ ସୋଲାନ ଛତୁ ଗବେଷଣା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବେଦ ପ୍ରକାଶ ଶର୍ମା ଶୁକ୍ରବାର ଢେଙ୍କାନାଳ ଜିଲାରେ ଛତୁ ଚାଷ ଫାର୍ମ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସଦର ବ୍ଲକ ଲମ୍ବୋଦରପୁର ଗ୍ରାମର ବାସନ୍ତୀ ରାଉତ, ବିଜୟ କୁମାର ସାହୁ, ଇନ୍ଦିପୁରର ଯଶୋବନ୍ତି ପୃଷ୍ଟି, ଗୀତାଞ୍ଜଳି ପୃଷ୍ଟି, ଦିଲୀପ ମୁଦୁଲି, ଉଗ୍ରସେନ ସାହୁଙ୍କ ଛତୁଫାର୍ମ, ଛତୁ ମଞ୍ଜି ଉତ୍ପାଦନ ୟୁନିଟ୍ ଏବଂ ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ଆମ ଗାଁ ହାଟରେ ଥିବା ସୁଶାନ୍ତ ବେହେରାଙ୍କ ଛତୁ ପାର୍ଲର ବୁଲି ଦେଖିବା ସହ ଚାଷୀଙ୍କୁ ଉତ୍ସାହିତ କରାଇଥିଲେ।

ନିର୍ଦ୍ଦେଶକ ଶର୍ମା ଚାଷୀଙ୍କ ସହ ଆଲୋଚନା କରି ଛତୁ ଚାଷରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କ ସହ ଭୁବନେଶ୍ୱରସ୍ଥିତ ଛତୁ ଗବେଷଣା ପ୍ରକଳ୍ପର ଡ. ମିହିର କୁମାର ମିଶ୍ର, ସହକାରୀ ଅଧ୍ୟାପକ ନିରଞ୍ଜନ ଚିନ୍ନାରା ପ୍ରମୁଖ ଚାଷୀଙ୍କୁ ମାର୍ଗଦର୍ଶନ କରାଇଥିଲେ। ଶକ୍ତି ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛତୁଚାଷୀ ସଂଘ ଜିଲା ଶାଖା ସଭାପତି କୁମୁଦ ଚନ୍ଦ୍ର ସାହୁ, ଚାଷୀ ଅନିଲ ପୃଷ୍ଟି, ଛତୁ ଚାଷ ଯନ୍ତ୍ରପାତି ନିର୍ମାତା ଗଣେଶ ସିଂ, ଓୟୁଏଟି ଛାତ୍ର ଜୟ ପ୍ରକାଶ ପୃଷ୍ଟି, ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ପୂର୍ବତନ ସମ୍ପାଦକ ଅଜୟ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ